# ଘୋଷଣାନାମା
## (ବି.ଏସ୍.ୟୁ.ପି. ଯୋଜନାର ହିତାଧିକାରୀ)

ମୁଁ ଶ୍ରୀ/ ଶ୍ରୀମତୀ ........................................................ ପିତା/ସ୍ୱାମି/ମାତା .................................... ବୟସ............. ପ୍ଲଟ ନଂ-/ ଘର ନଂ. .................................... ଖାତା ନଂ........... ଖତିୟାନ ନଂ- ................. ବସ୍ତି ...............................................ମୌଜା ନଂ-...................... ଭୁବନେଶ୍ୱର ମହାନଗର ନିଗମ ଭୁବନେଶ୍ୱର ସତ୍ୟ ନିଷ୍ଠ ଭାବେ ନିମ୍ନୋକ୍ତ ଘୋଷଣା ନିଜ ଇଛାରେ କୌଣସି ଚାପ ଅବା ଭୟର ବଶବର୍ତୀ ନହୋଇ ଲିଖିତ ଭାବେ ପ୍ରକାଶ କରୁଛି କି,

୧. ମୁଁ ରାଜ୍ୟ ସରକାର ଅବା କେନ୍ଦ୍ର ସରକାରଙ୍କର ଜଣେ ନିୟମିତ ବେତନଭୋଗୀ ସରକାରୀ ଅବା ସରକାରୀ ସାହାଯ୍ୟ ପ୍ରାପ୍ତ ଅନୁଷ୍ଠାନର ନିୟମିତ କର୍ମଚାରୀ ନୁହେଁ ।

୨. ମୁଁ ଜଣେ ସ୍ୱଳ୍ପ ରୋଜଗାରକ୍ଷମ ଆୟକାରୀ ଅଟେ । ସ୍ୱଳ୍ପ ରୋଜଗାର ବର୍ଗ/ ଶ୍ରେଣୀର ଅନ୍ତର୍ଭୁକ୍ତ ଅଟେ ।

୩. ମୋର ଏବଂ ମୋ ପରିବାରର ସାମାଜିକ-ଅର୍ଥନୈତିକ ସର୍ଭେ ଯାହା ରାଜୀବ୍ ଆବାସ ଯୋଜନାରେ ପଂଜୀକୃତ ହୋଇଅଛି ଓ ମୋର ସର୍ଭେ ନଂ-........

୪. ମୁଁ କିମ୍ବା ମୋ ପରିବାର ନାମରେ ସାରା ଭାରତ ବର୍ଷରେ କୌଣସି ଠାରେ / ଅନ୍ୟ କୌଣସି ବସ୍ତିରେ ଜାଗା / ଗୃହ ନାହିଁ ।

୫. ମୁଁ କିମ୍ବା ମୋ ପରିବାର ସରକାରଙ୍କ ଦ୍ୱାରା କୌଣସି ଯୋଜନାରେ କୌଣସି ସୂତ୍ରରେ ପ୍ଲଟ / ଗୃହ ଅବା ଅସ୍ଥାୟୀ ଭାବେ କୌଣସି ଗୃହ ପାଇ ନାହିଁ କି କୌଣସି ଯୋଜନାର ହିତାଧିକାରୀ ହୋଇ ରହିନାହିଁ ।

୬. ମୁଁ କିମ୍ବା ମୋ ପରିବାର ସଦସ୍ୟଙ୍କ ନାମରେ ଏହି ବସ୍ତି / ସାହି / ଗ୍ରାମ / ପଡ଼ାରେ ନାମ ନାହିଁ ।

୭. ଉଚ୍ଛେଦ ସମୟରେ ମତେ ଟ୍ରାନଜିଟ୍ ଗୃହ ନଦିଆଗଲେ ମଧ ମୁଁ ସ୍ୱ-ଇଚ୍ଛାରେ ଅନ୍ୟତ୍ର ସ୍ଥାନାନ୍ତର କରିବି ।

୮. ବି.ଏସ୍.ୟୁ.ପି. ଯୋଜନାରେ ପ୍ରସ୍ତୁତ ହୋଇଥିବା ସଂପୂର୍ଣ୍ଣ ପ୍ରକଳ୍ପ ବିବରଣୀ (ଡି.ପି.ଆର.) ଅନୁଯାୟୀ ଗୃହ ନିର୍ମାଣ ଏବଂ ଆନୁଷଙ୍ଗିକ ଉନ୍ନତିକରଣ ପାଇଁ ଯେଉଁ ନକ୍ସା ଅବା ଚିଠା ପ୍ରସ୍ତୁତ ହୋଇଛି, ସେଥିରେ ମୁଁ ସଂପୂର୍ଣ୍ଣ ଭାବେଏକମତ ଏବଂ ସହମତି ପ୍ରକାଶ କରୁଛି ।

୯. ବି.ଏସ୍.ୟୁ.ପି. ଯୋଜନାରେ ପ୍ରସ୍ତୁତ ହୋଇଥିବା ଗୃହ ନିର୍ମାଣ ବାବଦକୁ ଗୃହର ପ୍ରକୃତ ମୂଲ୍ୟ ଖର୍ଚ୍ଚ ରାଶିର ମୋଟ ୧୦ ପ୍ରତିଶତ ମୁଁ ଧାର୍ଯ୍ୟ ସମୟସୀମା ମଧରେ ପୈଠ ପାଇଁ ଏକମତ । ସର୍ବୋପରି ଏହି ଅର୍ଥ ରାଶି ଦେବା ପାଇଁ ମୁଁ ଏକକତା ସହମତ ଅଟେ । ମୋର ଘର ୨୫ Sq. Meter (250Sq.Feet) ମଧରେ ସରକାରଙ୍କ ଅନୁମୋଦନ ଏବଂ ସ୍ୱୀକୃତିପ୍ରାପ୍ତ ଅଟେ ।

୧୦. ବି.ଏସ୍.ୟୁ.ପି. ଯୋଜନାରେ ନିୟମ ଅନୁଯାୟୀ ଆବଶ୍ୟକୀୟ ତଥ୍ୟ ଯାହା ମୁଁ ପ୍ରେରଣ କରୁଛି, ତାହା ସଂପୂର୍ଣ୍ଣ ଭାବେ ସତ୍ୟ ଏଥିରେ କୌଣସି ପ୍ରକାଶ ତ୍ରୁଟି ବିଚ୍ୟୁତି ଥିଲେ ସରକାର/ କର୍ତ୍ତୃପକ୍ଷ ଆବଶ୍ୟକ ଅନୁସାରେ ପଦକ୍ଷେପ ନେଇ ପାରିବେ ।

୧୧. ସରକାର / କର୍ତ୍ତୃପକ୍ଷଙ୍କର ବିନା ଅଗୋଚରରେ ଅବା କାହାର ପ୍ରଲୋଭନ, ପ୍ରୋତ୍ସାହନ ଅବା ଭୟର ବଶବର୍ତ୍ତୀ ନହୋଇ ମୋର ନାମରେ ପ୍ରାପ୍ତ ହୋଇଥିବା ଗୃହକୁ / ପ୍ଲଟକୁ କୌଣସି ପରିସ୍ଥିତିରେ ବର୍ତ୍ତମାନ ବା ଭବିଷ୍ୟତରେ ଏହି ଗୃହକୁ ବା ଉନ୍ନତି ପ୍ଲଟ୍‌କୁ ବି.ଏମ୍.ସି ବିନା ଅନୁମୋଦନ / ଅନୁମତିରେ ମୁଁ କାହାକୁ କୌଣସି ସୂତ୍ରରେ ବିକ୍ରୀ / ବନ୍ଧକ ଅବା ହସ୍ତାନ୍ତର ଏପରିକି ଭଡ଼ା ସୂତ୍ରରେ ଦେଇ ପାରିବି ନାହିଁ ।

୧୨. ମୁଁ ଏହି ଗୃହକୁ ମୋ ନାମରେ ତଥା ମୋ ଅନ୍ତେ ମୋ ପରିବାର ଉଦ୍ଦେଶ୍ୟରେ ଛାଡ଼ି ଦେବି, ଅର୍ଥାତ୍ ମୋ ଅନ୍ତେ ମୋ ପରିବାର ଏହାର ରକ୍ଷଣାବେକ୍ଷଣ କରିବେ ଏବଂ ସେମାନେ ମଧ କୌଣସି ପରିସ୍ଥିତିରେ ଏହାକୁ ବିକ୍ରି / ବନ୍ଧକ ଅବା କୌଣସି ସୂତ୍ରରେ କାହାକୁ ହସ୍ତାନ୍ତର କରିବାରିବେ ନାହିଁ ।

୧୩. ପ୍ରକାଶ ଥାଉକି ସରକାରଙ୍କର ନିର୍ଦ୍ଦେଶ ମୁତାବକ ଯୋଜନାର ନିୟମ ଭିତରେ କୌଣସି ହିତାଧିକାରୀଙ୍କର ଦେହାନ୍ତ ପରେ ଯଦି ହିତାଧିକାରୀଙ୍କର କେହି ଭବିଷ୍ୟତର ବଂଶଧର ନଥାଆନ୍ତି ଅଥବା ବଂଶଧରର କେହି ଦାବିଦାର ନରହିଥାନ୍ତି ଅଥବା ପୁତ୍ର, ପତ୍ନୀ, କନ୍ୟା ମଧରୁ କେହି କୌଣସି ଯୋଜନାରେ ସରକାରଙ୍କଠାରୁ ଗୃହ, ଜାଗା, ପ୍ଲଟ୍ କୌଣସି ସୂତ୍ରରେ ପାଇଥିବେ ସେମାନେ କେହି ମୋର ଉତରାଧିକାରୀ ବା ଏହି ଗୃହର / ଜାଗାର ହିତାଧିକାରୀ ଭାବେ ପରିଗଣିତ ହୋଇପାରିବେ ନାହିଁ । ମୋ ଅନ୍ତେ ଏହି ଗୃହ ସରକାରଙ୍କୁ ପ୍ରାପ୍ୟ ହେବ ।

୧୪. ମୁଁ ଏବଂ ମୋର ପରିବାରର ସଦସ୍ୟଙ୍କର ଆଧାର କାର୍ଡର ଅବିକଳ ନକଲ ଏବଂ ବ୍ୟାଙ୍କ ପାଶ୍ ବୁକ୍ ପ୍ରଦାନ କରିବାକୁ ଭାରତ ସରକାରଙ୍କର ନିର୍ଦ୍ଦେଶାବଳୀ ଅନୁଯାୟୀ ବାଧତାମୂଳକ ଅଟେ ।

୧୫. ଉପରୋକ୍ତ ଘୋଷଣା ମୋ ପାଇଁ ତଥା ମୋ ପରିବାର ପାଇଁ ଲାଗୁ ହେବ । ଉକ୍ତ ଘୋଷଣା ଅନୁଯାୟୀ ଖିଲାପ କଲେ ମୁଁ ଅବା ମୋ ଅନ୍ତେ ମୋ ପରିବାର ଆଇନ୍ ଅନୁଯାୟୀ ଦଣ୍ଡିତ ହେବେ ।

ସାକ୍ଷୀ ସ୍ୱାକ୍ଷର ଓ ଠିକଣା

ଘୋଷଣାକାରୀ(ହିତାଧିକାରୀଙ୍କ ସ୍ୱାକ୍ଷର)

ସାକ୍ଷୀ ସ୍ୱାକ୍ଷର ଓ ଠିକଣା

ଚିହ୍ନଟକାରୀଙ୍କ ସ୍ୱାକ୍ଷର